# ପାଠ-୫-କବିତା : ଜାଗବନ୍ଧନ ହରା

## କବି - ଅନନ୍ତ ପଟ୍ଟନାୟକ

## ଶ୍ରେଣୀ – ଦଶମ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives -** ସାଧାରଣ ଆଭିମୁଖ୍ୟ :

ଯୁବକମାନେ ହିଁ ସମାଜରେ ପରିବର୍ତ୍ତନର ବାର୍ତ୍ତାବହ ଏବଂ ସେମାନେ ଚାହିଁଲେ ଅସମ୍ଭବକୁ ସମ୍ଭବ କରିପାରିବେ ।

କବି ପରିଚୟ ଏବଂ ପ୍ରଗତିବାଦୀ ଯୁଗ । ସାମ୍ୟବାଦୀ ଚେତନା । ପ୍ରଗତିବାଦୀ ଯୁଗ ଉପରେ ସମୀକ୍ଷାୟନ । ଶ୍ରେଣୀହୀନ ଶୋଷଣମୁକ୍ତ ସମାଜ ଗଠନ

**Specific Objectives -** ବିଶେଷ ଆଭିମୁଖ୍ୟ :

ପ୍ରଗତିବାଦୀ ଯୁଗ ସଂପର୍କରେ ଧାରଣା ।

ନବଯୁଗ ସାହିତ୍ୟ ସଂସଦ ମାଧ୍ୟମରେ ଯୁବପିଢିକୁ ସ୍ୱାଧୀନତା ତଥା ନୂଆ ସକାଳ ଗଠନ କରିବାର ଉଦ୍‌ବୋଧନ ।

ସାମ୍ୟବାଦୀ ଚିନ୍ତାଧାରା ପ୍ରତିଫଳିତ ।

ନୂତନ ଶବ୍ଦ, ଶବ୍ଦାର୍ଥ ଏବଂ ବ୍ୟାକରଣଗତ ଶବ୍ଦ ସମୀକ୍ଷା ସହ ମାନବବାଦର ଜୟଗାନ କବିତାର ଅନ୍ତଃସ୍ୱର ।



କବି - ଅନନ୍ତ ପଟ୍ଟନାୟକ

**Learning Outcome :**

ଈଶ୍ୱରଙ୍କ ସୃଷ୍ଟିରେ ପରିବର୍ତ୍ତନ ହିଁ ସମାଜରେ ନୂତନତା ଆଣିଥାଏ । ଏହି ଭାବ ଛାତ୍ରଛାତ୍ରୀମାନଙ୍କ ଭିତରେ ଜାଗ୍ରତ କରାଇବା ।

ତରୁଣ ବା ଯୁବଗୋଷ୍ଠୀ ଦେହରେ ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ଅବ୍ୟାହତ ରହିଛି । ତାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିସ୍ଫୁଟନ କରିବା ।

ଶୋଷଣ ଓ ପୀଡନମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେବା ।

ଏକ ସୁସ୍ଥ, ସୁନ୍ଦର ସମାଜ ଗଠନରେ ଯୁବ ସମାଜର ଭୂମିକା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ।

ପରିବାରରେ ପିତାମାତାମାନଙ୍କର ମୋହ ଏବଂ ମମତାର ଅତୁଟ ବନ୍ଧନ ସଂପର୍କରେ ସଚେତନ କରାଇବା ।

## ପୂର୍ବପାଠର ଆଲୋଚନା –

୧. ବନ୍ଧନହରା କେଉଁ ମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

୨. ଶୋଣିତ ଶବ୍ଦ ର ଅର୍ଥ କ'ଣ ?

୩. ଜାଗ ବନ୍ଧନହରା କବିତାର ଅନ୍ତଃସ୍ୱର କ'ଣ ?

୪. କବି ଅନନ୍ତ ପଟ୍ଟନାୟକ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

୫. କବି ଅନନ୍ତ ପଟ୍ଟନାୟକ କେଉଁ ସାହିତ୍ୟ ସଂସଦ ଗଠନ କରିଥିଲେ ?

ନବୀନଯୁଗର ତରୁଣ ଜାଗରେ

ଜାଗ ବନ୍ଧନହରା,

ବକ୍ଷ ଶୋଣିତେ ଲକ୍ଷ ଜୀବନେ

ଖେଳାଅ ଆଲୋକଧାରା । ୦।

ଛିନ୍ନ କରରେ ବନ୍ଧନରାଜି

କ୍ରନ୍ଦନ ହେଉ ଶେଷ,

ଲୁପ୍ତ ହେଉରେ ଜାତି ଉପଜାତି

ଖଣ୍ଡିତ ଶତ ଦେଶ ।

ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖ ଜ୍ୱାଳା

ଜାଗ ବନ୍ଧନହରା । ୧।



'ମରଣ ଦୁଆରେ ଚରଣ ଅରପି

ଗାଅରେ ଅମର ଗାନ,

ପୋଛିଦିଅ ଆଜି ମାନବ ଶିରସୁଁ

ସଂଚିତ ଅପମାନ,

ଲଂଘି ବନାନୀ ଶୈଳ ସାଗର

ଚୂରରେ ତିମିର କାରା । ୨।



ପ୍ରଥମ ତିନୋଟି ପଦର ବ୍ୟାଖ୍ୟା ।

ନବୀନ ଯୁଗର ......................................ତିମିର କାରା ।

ଜୀବନର ଚାରୋଟି ଅବସ୍ଥା ସଂପର୍କରେ ଆଲୋଚନା ।

ଯୁବାବସ୍ଥାର ମହତ୍ତ୍ୱ ପ୍ରତିପାଦିତ ।

ଅସମ୍ଭବକୁ ସମ୍ଭବ କରିବାର ସାମର୍ଥ୍ୟ ।

**ବ୍ୟାକରଣଗତ ଶବ୍ଦାର୍ଥ :**

ଲକ୍ଷ – ସଂଖ୍ୟାବିଶେଷ, ଲକ୍ଷ୍ୟ – ଜୀବନର ଲକ୍ଷ୍ୟ

ତନ୍ଦ୍ରାପରଶ – ୬ଷ୍ଠୀ ତତ୍ପୁରୁଷ ସମାସ

ନିର୍ଝର - ନିଃ+ଝର – ବିସର୍ଗ ସନ୍ଧି

ସଂକ୍ଷିପ୍ତ - ବିଶେଷଣ ପଦ

ବନ୍ଧନ-ମୁକ୍ତ – ବିପରୀତ ଶବ୍ଦ

**ଶବ୍ଦାର୍ଥ –**

ବନ୍ଧନହରା – ସକଳ ପ୍ରକାର ବନ୍ଧନରୁ ମୁକ୍ତ ହୋଇଥିବା

ଶୋଣିତ – ରକ୍ତ

ଛିନ୍ନ – ଛିଡାଇବା

ଲୁପ୍ତ- ଲୋପ ପାଇଥିବା

## ଗୃହକର୍ମ :

ପଠିତାଂଶଟିକୁ  ପଢି ନିଜଭାଷାରେ ଗୋଟିଏ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP